# ଭଦ୍ରକ ମହାବିଦ୍ୟାଳୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ

ଭଦ୍ରକ, ୦୨।୧୧ା୨୪ – ସର୍ଦାର ବଲ୍ଲଭଭାଇ ପଟେଲଙ୍କର ଜନ୍ମତିଥି ଅକ୍ଟୋବର ୩୧ ତାରିଖ େଯଉଁ ସପ୍ତାହରେ ପଡେ, ଭାରତ ସରକାରଙ୍କର କେନ୍ଦ୍ରୀୟ ସତର୍କତା ଆୟୋଗ ତରଫରୁ ପ୍ରତିବର୍ଷ ସେହି ସପ୍ତାହକୁ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଭାବରେ ପାଳନ କରାଯାଏ । ଚଳିତ ବର୍ଷ ଅକ୍ଟୋବର ୨୮ ତାରିଖରୁ ନଭେମ୍ବର ୩ ତାରିଖ ପର୍ଯ୍ୟନ୍ତ ସେହି ସପ୍ତାହ ପାଳନ କରାଯାଉଛି । ସେହି ଅବସରରେ ଭଦ୍ରକ ମହାବିଦ୍ୟାଳୟ ପରିସରରେ ସମସ୍ତ ଅଧ୍ୟାପକ-ଅଧ୍ୟାପିକା, ଅଫିସ କର୍ମଚାରୀ ଓ ଛାତ୍ରଛାତ୍ରୀ ସାଧୁତାର ଶପଥପାଠ କରିଥିଲେ । ଛାତ୍ରଛାତ୍ରୀମାନେ ସଚେତନତା ବ୍ୟାନର ଧରି କଲେଜର ବିଭିନ୍ନ ବିଭାଗ ପରିକ୍ରମା କରିଥିଲେ । **"ସତ୍ୟନିଷ୍ଠ ସଂସ୍କୃତି ହିଁ ରାଷ୍ଟ୍ର ସମୃଦ୍ଧିର ଭିତ୍ତି"** - ଏହି ମର୍ମରେ ଆଜି ପୂର୍ବାହ୍ନରେ ଏନ୍.ଏସ୍.ଏସ୍. ଓ ଯୁବ ରେଡକ୍ରସ୍ ୟୁନିଟ୍ ତରଫରୁ କଲେଜ ପରିସରରେ ଏକ ଆଲୋଚନାଚକ୍ରର ଆୟୋଜନ କରାଯାଇଥିଲା । ଅଧ୍ୟକ୍ଷ **ଡକ୍ଟର ଦୁର୍ଗାଶଙ୍କର ଦାସଙ୍କ** ସଭାପତିତ୍ୱରେ ମୁଖ୍ୟବକ୍ତା ପ୍ରାଧ୍ୟାପକ **ଡକ୍ଟର ସୁବୋଧଚନ୍ଦ୍ର ମିଶ୍ର** ଛାତ୍ରଛାତ୍ରୀମାନଙ୍କୁ ଦୁର୍ନୀତିଠାରୁ ଦୂରେଇ ରହିବା ପାଇଁ ପରାମର୍ଶ ଦେଇଥିଲେ । ସମ୍ମାନୀତ ଅତିଥି ଭାବରେ ଯୁବ ରେଡକ୍ରସର ଜିଲ୍ଲା କନ୍ଭେନର ସେକ୍ରେଟାରୀ **ଡକ୍ଟର କମଳାକାନ୍ତ ଜେନା** ଓ ଏନ୍.ଏସ୍.ଏସ୍. ସଂେଯାଜକ **ଡକ୍ଟର ସୁଦର୍ଶନ ଦାସ** େଯାଗ ଦେଇ ଆଗାମୀ ଦିନରେ ନିଜ ନିଜର କାର୍ଯ୍ୟକ୍ଷେତ୍ରରେ ସାଧୁତା ଅବଲମ୍ବନ କରିବା ଜରୁରୀ ବୋଲି କହିଥିଲେ । **ଡକ୍ଟର ଶୁଭେନ୍ଦୁ କୁମାର ବରାଳ** ସଭା ପରିଚାଳନା କରିଥିଲେ ଓ **ଡକ୍ଟର ଗିରୀଶ ଚନ୍ଦ୍ର ପ୍ରଧାନ** ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସଭାରେ ଭଦ୍ରକ କଲେଜର ଛାତ୍ରଛାତ୍ରୀ ଓ ଅଧ୍ୟାପକବୃନ୍ଦ ଉପସ୍ଥିତ ଥିଲେ ।

Dr. Kamala Kanta Jena
PG Department of Physic
Bhadrak Auto. College
Bhadrak-756100

